## ନିଆଁରେ ପୋଡ଼ି ବୃଦ୍ଧାଙ୍କ ମୃତ୍ୟୁ

ବଡ଼ସାହି,(ସ୍ୱ.ପ୍ର.)- ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ସାନକେରକ ପଞ୍ଚାୟତର ଟିକାୟତ ପୁର ଗ୍ରାମରେ ନିଆଁରେ ପୋଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପାର୍ବତୀ ସାହୁ (୭୦)। ଥଣ୍ଡାରୁ ରକ୍ଷା ପାଇବା ଲାଗି ଗୁରୁବାର ସକାଳେ ନିଆଁରେ ସେକି ହେଉଥିବା ବେଳେ ତାଙ୍କ ପିନ୍ଧା ଲୁଗାରେ ନିଆଁ ଲାଗି ଯିବାରୁ ସେ ପୋଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାରିପଦା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୨୩) ରୁଜୁ କରି ହୋଇଛି।



**ସଂକ୍ଷେପରେ**

## ୧୩୨ ଲିଟର ଦେଶୀ ମଦ ଜବତ ଅବକାରୀ ଚଢ଼ାଉ

ମୋରଡ଼ା,୬ା୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣରେ ପୋଚ ନଷ୍ଟ କରିବା ସହିତ ୧୩୨ ଲିଟର ଚୋରା ଦେଶୀ ମଦ ଜବତ କରିଛି। ଅବକାରୀ ଅଧିକାରୀ ପୀତାମ୍ବର ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଜିଲା ଅବକାରୀ ଅଧିକାରୀ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ତଥା ମୋରଡ଼ା ଅବକାରୀ ଅଧିକାରୀ ଏବଂ ମୋବାଇଲ ୟୁନିଟ ଅଧିକାରିଣୀ ବିଜୟଲକ୍ଷ୍ମୀ ଦାସ ସଦଳବଳ ହାଣ୍ଡିଭଙ୍ଗା ଜଙ୍ଗଲର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫୪୬୦ କେଜି ପୋଚ ନଷ୍ଟ କରିବା ସହିତ ୧୩୨ ଲିଟର ଦେଶୀ ମଦ ଜବତ କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କା ହେବ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଭଣ୍ଡାରିପୋଖରୀ, ୬ା୧(ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ ଯଶୋଟିକିରିସ୍ଥିତ ସୁବର୍ଣ୍ଣମୁଖୀ ଉଚ୍ଚ ବିଦ୍ୟାଳୟଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୃପାସିନ୍ଧୁ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ସାମାଜିକ କର୍ମୀ ସୌମ୍ୟ ରଞ୍ଜନ ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଅର୍ଜୁନ ଚରଣ ବରାଳ, ପ୍ରଧାନ ଶିକ୍ଷକ ଅଜୟ କୁମାର ନନ୍ଦ, ତ୍ରିଲୋଚନ ନାୟକ ପ୍ରମୁଖ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ପରିଡ଼ା ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ। ଗଣିତ ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ପ୍ରବନ୍ଧ ରଚନା, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା କରାଯାଇଥିଲା। ଶନିବାର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହେବ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ସାରସକଣା,୬ା୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ କୁନ୍ଦୁଲିଆସ୍ଥିତ ସୀମାନ୍ତ ଇଞ୍ଜିନିୟରିଂ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧକ୍ଷ ମାନସ ରଞ୍ଜନ ପାଣି ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଡିନ୍ ଡ. ଅଜିତ କୁମାର ସାହୁ ଓ ଡିପ୍ଲୋମା କଲେଜ ଅଧକ୍ଷ ମହେନ୍ଦ୍ର ନାଥ ମହାନ୍ତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଡିପ୍ଲୋମା, ବି.ଟେକ୍, ଏମ୍‌ସିଏ କଲେଜର ସମସ୍ତ ବିଭାଗର ଅନେକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଧାପକ ଧୀରେନ ପ୍ରଧାନ, ଡ. ଶଶିଧର କଲିଆ, ଡ. ପ୍ରସନ୍ନ ନାୟକ, ଚନ୍ଦ୍ର ଶେଖର ଗିରି, ଜୟନ୍ତ ଦାସ, ରାଜୀବ ସାହୁ, ଆଶିଷ ପଣ୍ଡା, ଅଭିମନ୍ୟୁ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପ୍ରାରମ୍ଭରେ କ୍ରୀଡ଼ା ଶିକ୍ଷକ ହିରାଲାଲ ପଣ୍ଡାଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ କଲେଜର ପତାକା ଧରି ପଡ଼ିଆରେ ମକ୍‌ଡ୍ରିଲ କରିଥିଲେ।

# ଜମାକାରୀଙ୍କ ଅର୍ଥ ହଡ଼ପ

■ପୋଲିସର ନୀରବତାକୁ ନେଇ ଅସନ୍ତୋଷ

■ଜିଲାପାଳ,ଏସ୍‌ପିଙ୍କଠାରେ ଅଭିଯୋଗ

ବାରିପଦା ଅଫିସ,୬ା୧



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଜମାକାରୀ।

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ମୁକ୍ତାପୁର ପଞ୍ଚାୟତର ଶତାଧିକ ଲୋକଙ୍କଠାରୁ କିଓସ୍କ ବ୍ୟାଙ୍କ ଜରିଆରେ ଲକ୍ଷାଧିକ ଟଙ୍କା ହଡ଼ପ ଘଟଣା ପଦାକୁ ଆସିଛି। ଏନେଇ ବେତନଟୀ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସର ନୀରବତାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଜମାକାରୀମାନେ ଶୁକ୍ରବାର ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ଚଞ୍ଚକତା ପୂର୍ବକ ଟଙ୍କା ହରିଲୁଟ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର ଘଟଣାର ତଦନ୍ତ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ବିନୀତ ଭରଦ୍ୱାଜ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ମୁକ୍ତାପୁର ପଞ୍ଚାୟତର ଛଚିନାପଦାଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କର କିଓସ୍କୋ ଶାଖା ଖୋଲାଯାଇ ଟଙ୍କା ଦେଣନେଣ କରାଯାଉଥିଲା। ପଞ୍ଚାୟତର ଛୋଟରାୟପୁର, ମଣତାପାଳ, ଛଚିନାପଦା, ପାରୋଇ, ପଡ଼ପଡ଼ା, ନୂଆଗାଁ, କରଞ୍ଜକୁଇଲି, ନୂଆସାହି ଗ୍ରାମର ଗରିବ ଲୋକେ ଉକ୍ତ ଶାଖାରେ ନିଜ ସ୍ୱାର୍ଜିତ ଟଙ୍କା ସଞ୍ଚୟ କରିଥିଲେ। କିଓସ୍କୋ ବ୍ୟାଙ୍କର ପରିଚାଳକ ପ୍ରଦୀପ ବେହେରା ଓ ସହଯୋଗୀ ରାଜନ ମୋଦି ଟଙ୍କା ଡିପୋଜିଟ ସମୟରେ ଜମା ରସିଦ ପ୍ରଦାନ କରିବା ସହିତ ପାସ୍‌ବୁକ୍‌ରେ ଲିଖିତ ଭାବେ ରେକର୍ଡଭୁକ୍ତ କରିଛନ୍ତି। ଯାହାକି ସମ୍ପୂର୍ଣ୍ଣ ବେଆଇନ ବା ଅନିୟମିତତା ବୋଲି ବ୍ୟାଙ୍କ ଅଧିକାରୀମାନେ ପ୍ରକାଶ କରିଛନ୍ତି। ସେହିପରି ସରକାରଙ୍କ ପ୍ରଦତ୍ତ ବାର୍ଦ୍ଧକ୍ୟ, ବିକଳାଙ୍ଗ ଓ ବିଧବା ଭତ୍ତା ଜମାଖାତାରୁ ଗାଏବ ହେବା ପରେ ଆକାଉଣ୍ଟଧାରୀମାନେ ଟଙ୍କା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଥିଲେ। ଆକାଉଣ୍ଟଧାରୀଙ୍କୁ ବିଭିନ୍ନ ଆଳ ଦେଖାଇ ଟଙ୍କା ପ୍ରଦାନ କରାଯିବ ବୋଲି କହି ବାରମ୍ବାର ହଇରାଣ ହରକତ କରାଯାଉଥିଲା। ଏପରିକି ଥାଲାସେମିଆ ରୋଗୀଙ୍କ ପରିବାର ଲୋକଙ୍କ ୨ଲକ୍ଷ ୬୦ହଜାର ଟଙ୍କା ଚଞ୍ଚକତା ପୂର୍ବକ ଉଠାଣ କରାଯାଇଥିଲା। ଏହାକୁ ନେଇ ମୁକ୍ତାପୁର ଗ୍ରାମର କୁମୁଦିନୀ ସାହୁଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ୨୦୨୨ ଡିସେମ୍ବର ୧୫ରେ ଏକ ମାମଲା (ନଂ.୩୬୮/୨୨)ରୁଜୁ କରି ଚୁପ୍ ବସିଛି। ମାମଲାକୁ ନେଇ ଅଭିଯୋଗକାରୀମାନେ ବାରମ୍ବାର ଥାନାକୁ ଯାଇ ଥାନାଧିକାରୀଙ୍କଠାରୁ ଅପମାନିତ ହୋଇ ଫେରୁଥିବା ମୀନତୀ ବେହେରା ଓ କବିତା ରଣା ପ୍ରକାଶ କରିଛନ୍ତି।

ତେବେ କିଓସ୍କୋ ଶାଖା ବନ୍ଦ ଥିବାରୁ ଜମାକାରୀମାନେ ପରିଚାଳକଙ୍କ ଘରକୁ ବାରମ୍ବାର ଦୌଡ଼ି ନୟାନ୍ତ ହୋଇପଡ଼ିଛନ୍ତି। କିଓସ୍କୋ ପରିଚାଳକ ଜଣକ ବାରିପଦା ସ୍ଥିତ ଏକ ରାଷ୍ଟ୍ରାୟତ ବ୍ୟାଙ୍କରେ ରିକୋଭାରି ଦାୟିତ୍ୱରେ ରହି ଏଭଳି କଳାକାରନାମା ଚଳାଇ ଆସୁଥିବା ଅଭିଯୋଗ ହୋଇଛି। ପୋଲିସର ନିଷ୍କ୍ରିୟତାକୁ ନେଇ ଜମାକାରୀମାନେ ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିବା ପରେ ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଏ ସଂକ୍ରାନ୍ତରେ ଭାରତୀୟ ଷ୍ଟେଟ ବ୍ୟାଙ୍କର କ୍ଷେତ୍ରୀୟ ପ୍ରବନ୍ଧକ ଦେବ ପ୍ରସାଦ କୋହରଙ୍କୁ ପଚାରିବାରୁ କାହାରି ଟଙ୍କା ବୁଡ଼ିବ ନାହିଁ ଓ ଜମାକାରୀମାନେ କିପରି ସେମାନଙ୍କ ଅର୍ଥ ଫେରିପାଇବେ ତାହାର ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି।

# ନୂଆ ରୂପ ନେଲା ସର୍ଦ୍ଦାର ସାଗର ଭୂୟାଁ ପାର୍କ

ଧାମନଗର, ୬ା୧ (ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ନିର୍ମିତ ସର୍ଦ୍ଦାର ସାଗର ଭୂୟାଁ ସମାଧି ପୀଠ ଓ ମିନିପାର୍କ ନୂଆ ରୂପ ନେଇଛି। ଶୁକ୍ରବାର ଦ୍ୱିତୀୟଥର ଏହାକୁ ଉଦ୍‌ଘାଟନ କରାଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଏନ୍‌ଏସି ଅଧକ୍ଷା ନିବେଦିତା ଜେନା, ଉପାଧକ୍ଷ ଓସିମ ଏଜଦାନି କାଦରୀ, କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପାର୍କ ପାଇଁ ୨୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଏନ୍‌ଏସି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ପ୍ରକାଶଥାଉ କି, କାମ ନ ସରୁଣୁ ୨୦୧୯ ଫେବୃୟାରୀ ୧୮ରେ ପାର୍କକୁ ଉଦ୍‌ଘାଟନ କରାଯାଇଥିଲା। ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ଉଦ୍ୟମରେ ନିର୍ମିତ ସର୍ଦ୍ଦାର ସାଗର ଭୂୟାଁ ସମାଧି ପୀଠ ଓ ପାର୍କ ତତ୍କାଳୀନ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଉଚ୍ଚଶିକ୍ଷା ଓ ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ, ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ଜିଲାପାଳ ଜ୍ଞାନ ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ରଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ୪ବର୍ଷ ପରେ ନବୀକରଣ କରାଯାଇ ପୂର୍ଣ୍ଣାଙ୍ଗ ରୂପରେଖ ଦିଆଯାଇ ଶୁକ୍ରବାର ଉଦ୍‌ଘାଟନ କରାଯାଇଛି।



ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲାପାଳ ଓ ଅନ୍ୟମାନେ।

# ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକା ସଂଘର ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସଂଘ କର୍ମକର୍ତ୍ତାଙ୍କ ପ୍ରତିବାଦ।

କେନ୍ଦୁଝର,୬ା୧(ସ୍ୱ.ପ୍ର./ଡି.ଏନ୍.ଏ)

ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକା ସଂଘ ପକ୍ଷରୁ ବିଭିନ୍ନ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କର୍ମକର୍ତ୍ତା ଏକ ରାଲିରେ ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ଘେରାଉ କରିବା ସହ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦାବି ମଧ୍ୟରେ ମାସିକ ୨୬ ହଜାର ଦରମା, ବେଆଇନ ଛଟେଇ ବନ୍ଦ ସହ ଛଟେଇ ହୋଇଥିବା ପାଚିକା/ସହାୟିକାଙ୍କୁ ପୁନଃନିଯୁକ୍ତି, ବର୍ଷକୁ ୧୨ ମାସ ଦରମା, ଅବସରକାଳୀନ ବୟସ ୬୨କୁ ବୃଦ୍ଧି, ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା, ଅନ୍ୟ ରାଜ୍ୟ ଭଳି ସୁବିଧା ସୁଯୋଗ ଯୋଗାଇଦେବା ସହ ଆର୍ଥିକ ଓ ସାମାଜିକ ସୁରକ୍ଷା ଦେବାକୁ ଦାବି କରିଛନ୍ତି। ଏହି ଅବସରରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାଥମିକ ବିଦ୍ୟାଳୟରେ ମିଡ୍ ଡେ ମିଲ ପ୍ରସ୍ତୁତ ସଂଘର ସଦସ୍ୟା, ସଦସ୍ୟମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ।

## କେନ୍ଦୁଝରରେ ଇସ୍ପାତ କାରଖାନା ପ୍ରତିଷ୍ଠା ଦାବି

କେନ୍ଦୁଝର,୬ା୧(ସ୍ୱ.ପ୍ର.)

କେନ୍ଦୁଝର ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଗୁରୁବାର କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଜ୍ୟୋତି ଆଦିତ୍ୟ ସିନ୍ଧିଆଙ୍କୁ ସାକ୍ଷାତ କରି ଜିଲାରେ ଏକ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଦାବି କରିଛନ୍ତି। କାରଖାନା ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପକ୍ଷରୁ କରିବା ପାଇଁ ନିବେଦନ କରିଛନ୍ତି। ଖଣିଜ ସମ୍ପଦ ପରିପୂର୍ଣ୍ଣ କେନ୍ଦୁଝରରେ ଇସ୍ପାତ କାରଖାନା ହେଲେ ଲୁହାପଥରର ସଦୁପ ଯୋଗ ହେବା ସହ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ମାଝୀ କହିଛନ୍ତି। ପ୍ରକାଶ ଯେ, ସେଲ ପକ୍ଷରୁ ଏଠାରେ ଏକ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ଭାଜପା ପକ୍ଷରୁ ଘୋଷଣା ହୋଇଥିଲା। କିନ୍ତୁ ଏହା ହୋଇ ପାରିନାହିଁ। ପୂର୍ବରୁ ମିତଲ, ଷ୍ଟେରଲାଇଟ, ଉତ୍ତମ ଗାଲଭା ଭଳି କମ୍ପାନୀ ମେଗା ଇସ୍ପାତ କାରଖାନା କରିବା ପାଇଁ ଏମଓୟୁ ଦସ୍ତଖତ କରିଥିଲେ ହେଁ ଫେରିଯାଇଥିଲେ।

# ନିଷ୍ଠା, ପରିଶ୍ରମ କ୍ରୀଡ଼ାବିତ୍ ପାଇଁ ଅପରିହାର୍ଯ୍ୟ

ଆରଡ଼ି,୬ା୧(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ିଠାରେ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୫ମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆରଡ଼ି ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ମଲ୍ଲ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଅନୁଷ୍ଠାନର ସଭାପତି ତ୍ରିଲୋଚନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କ୍ରୀଡ଼ା ସଭାରେ ବାବାମଣି ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ମୁଖ୍ୟବକ୍ତା, ଅଧ୍ୟାପକ ବିଜୟ କୁମାର ଦାଶ, ଶିକ୍ଷାବିତ୍ ଦୀପ୍ତି ରଞ୍ଜନ ନାୟକ, ସ୍ୱାଧୀନ ଦାସ, ପହଣା କ୍ଲଷ୍ଟର ସିଆର୍‌ସିସି ମଙ୍ଗୁଳି ଚରଣ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ାବିତ୍ ପାଇଁ ନିଷ୍ଠା, ଉଦ୍ୟମ ଓ ପରିଶ୍ରମ ଅପରିହାର୍ଯ୍ୟ। ଏହା ବଳରେ ଜଣେ କ୍ରୀଡ଼ାବିତ୍ ଅସାଧ୍ୟ ସାଧନ କରିପାରନ୍ତି। ପ୍ରଧାନ ଆଚାର୍ଯ୍ୟା ରେଣୁବାଳା ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ବାବାଜୀ ଶଙ୍କର ପାଢ଼ୀ ଅତିଥି ପରିଚୟ ପ୍ରଦାନ ଓ ଅନୁଷ୍ଠାନ ମୁଖ୍ୟ ଆଶିଷ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରକ୍ଷାକର ବିଶ୍ୱାଳ କ୍ରୀଡ଼ା ପରିଚାଳନା କରିଥିଲେ। ଗୁରୁମା ସୁନିତା ବାରିକ, ମାଳତୀ ମହାକୁଡ, ପ୍ରିୟତମା ସୁତାର, ସ୍ୱାତୀ ନାୟକ, ଇତିଶ୍ରୀ ପାଢ଼ୀ, ରୋଜାଲିନ ପାଢ଼ୀ, ଗୁରୁଜୀ ଉମାକାନ୍ତ ମଲ୍ଲିକ, ଜଗବନ୍ଧୁ ବାରିକ, ତଥାଗତ ବିଶ୍ୱାଳ ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ୨୧୨ଜଣ ପ୍ରତିଯୋଗୀ ୩୦ଟି ଇଭେଣ୍ଟରେ କ୍ରୀଡ଼ା ପ୍ରଦର୍ଶନ କରିଥିଲେ।




ସଭାରେ ଉପସ୍ଥିତ ଅତିଥିମାନେ।

# ୧୩ରୁ ଜିଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା 'କୋଶମ୍ବ'

ବାଲେଶ୍ୱର ଅଫିସ, ୬ା୧




ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅତିରିକ୍ତ ଜିଲାପାଳ।

ବାଲେଶ୍ୱର ଜିଲା ପ୍ରଶାସନ ଓ ଓରମାସ୍ ପକ୍ଷରୁ ଚଳିତମାସ ୧୩ତରିଖରୁ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ତଥା କୋଶମ୍ବ-୨୦୨୩ ସହରସ୍ଥିତ ସରକାରୀ ଆଇଟିଆଇ ପଡିଆରେ ଆୟୋଜିତ ହେବ। ଏନେଇ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଶୁକ୍ରବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏଥିରେ ୨୫୦ଟି ଅସ୍ଥାୟୀ ଷ୍ଟଲ ଖୋଲାଯିବ। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିବାକୁ ଥିବା ମୋଟ ୩୦୦ଟି ଏସ୍‌ଏଚ୍‌ଜିର ୬୦୦ ମହିଳା ସେମାନଙ୍କର ଦ୍ରବ୍ୟ ବିକ୍ରି କରିବାକୁ ସୁଯୋଗ ପାଇବେ। ଏଥିସହିତ ପ୍ରତ୍ୟେକ ସନ୍ଧ୍ୟାରେ ଜିଲା ତଥା ଓଡିଶାର ଅନ୍ୟାନ୍ୟ ଜିଲା ଗଞ୍ଜାମର ଯୋଡି ଶଙ୍ଖ ଓ ପାଇକ ଆଖଡା, ଭଦ୍ରକର ମୋଗଲ ତାମସା, କଟକର ଘୋଡ଼ାନାଚ, ଖୋର୍ଦ୍ଧାର ପାଇକ ଆଖଡା, ମୟୂରଭଞ୍ଜର ଛଉନାଚ, ଯାଜପୁରର ଲଉଡି ଓ ବୌଦ୍ଧର ଆଦିବାସୀ ନୃତ୍ୟ କଳାକାରମାନଙ୍କ ଦ୍ୱାରା ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ଓଡିଆ ଓ ହିନ୍ଦୀ ସଙ୍ଗୀତ ତଥା ସିନେମା ଜଗତର ନାମୀ କଳାକାରମାନଙ୍କ ଦ୍ୱାରା ପ୍ରିନ୍ସଡ୍ୟାନ୍ସ ଗ୍ରୁପ, ସମ୍ବଲପୁରୀ ନାଚ, ଓଡିଶୀ ନାଚ, ଦୀପ୍ତିରେଖା ପାଢୀ, ଆଶୁତୋଷ ମହାନ୍ତି, ହ୍ୟୁମାନ ସାଗର, ଶଶାଙ୍କ ଶେଖର, ହେମନ୍ତ ବ୍ରିଜବାସୀ ଓ ଜାଭେଦ ଅଲି ଏହି କାର୍ଯ୍ୟକ୍ରମରେ ନିଜର କଳା ପ୍ରଦର୍ଶନ କରିବେ । ହକି ବିଶ୍ୱକପର ସିଧା ପ୍ରସାରଣର କରିବାର ମଧ୍ୟ ଆୟୋଜନ କରାଯାଇଛି। ପ୍ରତ୍ୟହ ପୂର୍ବାହ୍ନରେ ବିଭିନ୍ନ ବିଭାଗ ତରଫରୁ ଆଲୋଚନାଚକ୍ର ଆୟୋଜନ କରାଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କର କୃଷି ବିଭାଗ ତରଫରୁ କୃଷିମେଳାର ଆୟୋଜନ କରାଯାଇଛି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଓ ଜିଲା ପ୍ରକଳ୍ପ ଅଧିକାରୀ ରବୀନ୍ଦ୍ର ସାହୁ ଉପସ୍ଥିତ ଥିଲେ।

## ମହୁମାଛି ଆକ୍ରମଣରେ ୫ ଗୁରୁତର, ୨ ଆହତ

ନୀଳଗିରି, ୬ା୧(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ବାଘୁଆ ମହୁମାଛି ଆକ୍ରମଣରେ ୫ଜଣ ଗୁରୁତର ହୋଇଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ନୀଳଗିରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିତ୍ରପୁର ନୀଳଗିରି ରାସ୍ତା ଧୋବଶିଳାରେ ବାଘୁଆ ମାଛି ହଠାତ ମହୁଫେଣାରୁ ବାହାରି ଉଡି ବୁଲୁଥିଲେ। ସେହି ରାସ୍ତାଦେଇ ମିତ୍ରପୁର କଲେଜରୁ ଫେରୁଥିବା ସାଆନ୍ତା ଅଞ୍ଚଳର ଛାତ୍ରୀ ମୋନାଲିସା, ପରେ ଅମୁଡିହା ଅଞ୍ଚଳର ମାନସ କୁମାର ମଲ୍ଲିକ, ବିମୁରିଆ ଅଞ୍ଚଳର ଚିନ୍ମୟ ଧଳ, ଧୋବଶିଳା ଅଞ୍ଚଳର ମନୀନ୍ଦ୍ର ରାଉତ, ସୋମନାଥ ମହାନ୍ତି, ଲକ୍ଷ୍ମଣ ମଲ୍ଲିକଙ୍କୁ କାମୁଡିଥିଲେ। ସୋମନାଥ ମହାନ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

# ଦଲାଲଙ୍କ କବଳରେ ଚାଷୀ

ହାଟଡ଼ିହୀ,୬ା୧(ଡି.ଏନ.ଏ.)

**ମିଲ୍‌ରେ ଗଚ୍ଛିତ ହେଲାଣି ଧାନ**

କେନ୍ଦୁଝର ଜିଲା ହାଟଡ଼ିହୀ ଅଞ୍ଚଳରେ ଧାନ କିଣାକୁ ୧୫ ଦିନ ପୁରିଥିବା ବେଳେ ରାଇସ ମିଲ୍ ଗୁଡ଼ିକରେ ବିପୁଳ ପରିମାଣର ଧାନ ଗଚ୍ଛିତ ହେଲାଣି। ଦଲାଲ ଚାଷୀଙ୍କୁ ମିଛ ସତ କହି କମ୍ ଦରରେ ଧାନ କିଣି ମିଲିକୁ ଦେଉଛନ୍ତି। ମଣ୍ଡିରେ ଅବ୍ୟବସ୍ଥା କାରଣରୁ ଚାଷୀ ମଧ କମ୍ ଦରରେ ଦଲାଲଙ୍କୁ ଧାନ ଦେବାକୁ ବାଧ ହେଉଛନ୍ତି। ପ୍ରଶାସନ କିମ୍ବା ଯୋଗାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଚାଷୀ କ୍ଷତି ସହୁଛନ୍ତି।

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍‌ରେ ଗତ ଡିସେମ୍ବର ୨୦ରୁ ବିଭିନ୍ନ ସ୍ଥାନରେ ଧାନ ମଣ୍ଡି ଖୋଲିଛି। ଧାନ କୁଇଣ୍ଟାଲ ପିଛା ସରକାରୀ ମୂଲ୍ୟ ୨୦୪୦ ଟଙ୍କା ଧାର୍ଯ୍ୟ ହୋଇଛି। ବିଭିନ୍ନ ସମବାୟ ସମିତି ତରଫରୁ ଉଅଁର, ଶାଳନିଆ, ରମ୍ଭାସ, ମରୈଗାଁ, ବାଙ୍ଗୋର, ସୋସୋ, ବାଲିବରେଇ, ଶଡ଼ା, ପଞ୍ଚୁଗୋଛିଆ, ସମଣା, ଆମ୍ବୋରେ ମୋଟ ୮ ଧାନ ମଣ୍ଡିରେ ଧାନ ସଂଗ୍ରହ ହେଉଛି। ପ୍ରତି ବାରିରେ କେବଳ ୧୨୦୦ କୁଇଣ୍ଟାଲ ଧାନ କିଣାଯିବାର ନିୟମ ରହିଛି । ଓରାଳି, ଶଡ଼ା, ନାହା, ସୋସୋ, ଝୁଣାବାଡ଼ି, ବୀଣାପାଟିଆରେ ମୋଟ ୬ ରାଇସ ମିଲ ପକ୍ଷରୁ କେବଳ ମଣ୍ଡିରୁ ଧାନ ନେବାର ବ୍ୟବସ୍ଥା ରହିଛି। ମଣ୍ଡିଗୁଡ଼ିକ ଆଜକୁ ପ୍ରାୟ ୧୫ ଦିନ ହେବ ଖୋଲିଥିବା ବେଳେ ରାଇସ ମିଲଗୁଡ଼ିକରେ କିନ୍ତୁ ବିପୁଳ ପରିମାଣରେ ଧାନ ଗଚ୍ଛିତ ହେଲାଣି। ମଣ୍ଡି ବ୍ୟତୀତ ଅନ୍ୟ କେଉଁଠୁ ଧାନ କିଣିବାର ନିୟମ ନ ଥିବା ବେଳେ ରାଇସ ମିଲ ଗୁଡ଼ିକରେ ଅଧିକ ପରିମାଣରେ ଧାନ କେଉଁଠୁ ଆସିଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। କେଉଁ ରାଇସ ମିଲ ଅଦ୍ୟାବଧି କେଉଁ ମଣ୍ଡିରୁ କେତେ ଧାନ ସଂଗ୍ରହ କରିଛି ଏବଂ ରାଇସ ମିଲ ପରିସରରେ କେତେ ପରିମାଣରେ ଧାନ ଗଚ୍ଛିତ ରହିଛି ତାହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଧାନ କଳାବଜାରୀ ସମ୍ପର୍କରେ ଜଣାପଡ଼ିବ।

ଆନନ୍ଦପୁର ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ କହିଛନ୍ତି, ରାଇସ ମିଲ ମାଲିକଙ୍କ ସହ ପ୍ରଶାସନ ଏବଂ ଯୋଗାଣ ବିଭାଗର ମଧୁଚନ୍ଦ୍ରିକା ଯୋଗୁ ଚାଷୀ ଦଲାଲଙ୍କ ଶିକାର ହେଉଛି। ବିଭିନ୍ନ ରାଇସ ମିଲରେ ଗଚ୍ଛିତ ଧାନର ତଦନ୍ତ ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି। ପୂର୍ବତନ ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ କହିଛନ୍ତି, ହଇରାଣ କରାଯିବା ଭୟରେ ଚାଷୀମାନେ ମୁହଁ ଖୋଲୁ ନାହାନ୍ତି। ପୂର୍ବତନ ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ କହିଛନ୍ତି, ଧାନର ବ୍ୟାପକ କଳାବଜାରୀ ହେଉଛି। ଏଥିପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ଆନନ୍ଦପୁର ଉପଜିଲାପାଳ ଅନୀଲ ସେଠୀ କହିଛନ୍ତି, ହାଟଡ଼ିହୀ ଅଞ୍ଚଳର ବିଭିନ୍ନ ରାଇସ ମିଲରେ ତଦନ୍ତ କରାଯିବ। ଜିଲା ସିଏସ୍‌ଓ ବସନ୍ତ ପଣ୍ଡା କହିଛନ୍ତି, ଯୋଗାଣ ବିଭାଗ ପକ୍ଷରୁ ପ୍ରତି ରାଇସ ମିଲରେ ଜଣେ ଲେଖାଏ କର୍ମଚାରୀ ନିଯୁକ୍ତି କରାଯାଇଛି। ସେମାନେ ସପ୍ତାହକୁ ଥରେ ରିପୋର୍ଟ ଦେଉଛନ୍ତି। ତଥାପି ଘଟଣା ଦିଗରେ ଅନୁଧ୍ୟାନ କରାଯିବ।

# 'ଆମ ହସ୍‌ପିଟାଲ' ଯୋଜନାରେ ଜିକେଭଟ୍ଟର ଡାକ୍ତରଖାନା

ଜଳେଶ୍ୱର, ୬ା୧(ଡି.ଏନ.ଏ.)

ବାଲେଶ୍ୱର ଜିଲାରେ ଆମ ହସ୍‌ପିଟାଲ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୫ଟି ଡାକ୍ତରଖାନାକୁ ସାମିଲ କରାଯାଇଛି। ଶୁକ୍ରବାର ଜିଲାପାଳ ଜିକେ ଭଟ୍ଟର ହସ୍‌ପିଟାଲ ପରିଦର୍ଶନରେ ଆସି ପୁରୁଣା ଗୃହରୁ ନୂତନ ଭାବେ ତିଆରି ହୋଇଥିବା ମାତୃ ଓ ଶିଶୁ ମଙ୍ଗଳ ଗୃହକୁ ସ୍ଥାନାନ୍ତର ହେବ ବୋଲି କହିଛନ୍ତି।

ରାଜ୍ୟରେ ଡାକ୍ତରଖାନାଗୁଡ଼ିକର ରୂପାନ୍ତରୀକରଣ ଲାଗି ସ୍ୱାସ୍ଥ୍ୟବିଭାଗକୁ ୫ଟିରେ ସାମିଲ କରାଯାଇଛି । ଏଥିରେ ଜିଲାପାଳମାନଙ୍କୁ ଦାୟିତ୍ୱ ଦିଆଯାଇଛି। ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଜିକେଭଟ୍ଟର ହସ୍‌ପିଟାଲରେ ପହଞ୍ଚି ପରିଦର୍ଶନ କରିଛନ୍ତି। ଏଣିକି ପୁରୁଣା ଡାକ୍ତରଖାନାରେ ରୋଗୀ ଚିକିତ୍ସା ନ ହୋଇ ନିକଟରେ ଥିବା ମାତୃ ଓ ଶିଶୁ ମଙ୍ଗଳ ନୂତନ କୋଠାଘରେ ସମସ୍ତ ଚିକିତ୍ସା କରାଯିବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଥିବା ଫାଟକ ବନ୍ଦ କରାଯାଇ ନୂତନ ଗୃହ ପର୍ଯ୍ୟନ୍ତ ଥିବା ରାସ୍ତାକୁ ପ୍ରଧାନ ରାସ୍ତାକୁ ସମ୍ପ୍ରସାରଣ କରାଯିବ। ଏଥିଲାଗି ପୂର୍ତ୍ତ ବିଭାଗର ୫୭ ରାଜ୍ୟ ରାଜପଥ କଡରେ ଥିବା ଦୋକାନୀମାନଙ୍କୁ ଉଚ୍ଛେଦ କରାଯିବାକୁ ତହସିଲଦାର ମିହିର ରଞ୍ଜନ ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନୂତନ କୋଠଘରେ ସ୍ୱଚ୍ଛତା, ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା, ଡାକ୍ତର ଓ ନର୍ସମାନଙ୍କ ଲାଗି ସ୍ୱତନ୍ତ୍ର କୋଠରୀ ବ୍ୟବସ୍ଥା, ପ୍ରସୂତି ଗୃହ, ଶୌଚାଳୟ, ପିଇବା ପାଣି, ବିଦ୍ୟୁତୀକରଣ, ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା, ଆଧୁନିକ ଯନ୍ତ୍ରପାତି ସଂଯୋଗ, ସର୍ବୋପରି ଡାକ୍ତର ପଦବୀ ପୂରଣ ହେବ ବୋଲି ଜିଲାପାଳ କହିଛନ୍ତି । ଶୃଙ୍ଖଳିତ ଭାବେ ଘରୋଇ ଓ ସରକାରୀ ଆମ୍ବୁଲାନ୍ସ ରହିବା ବ୍ୟବସ୍ଥା, ରୋଗୀଙ୍କ ସମ୍ପର୍କୀୟଙ୍କ ଲାଗି ପ୍ରେକ୍ଷାଳୟ ବ୍ୟବସ୍ଥା କରିବାକୁ ସେ ସିଡିଏମ୍‌ଓ ଦୁଲାଲସେନ୍ ଜଗଦେବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରିଦର୍ଶନ ବେଳେ ବିଡିଓ ପୁନମ ରାଉତ, ଡିପିଏମ୍ ଅନୀଲ କୁମାର ମହାନ୍ତି, ଭାରପ୍ରାପ୍ତ ଡାକ୍ତର ବିନୋଦ ପ୍ରଧାନ, ବନମାଳୀ ଜେନା ଓ ଶଶିକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ବାଲେଶ୍ୱର ଜିଲାର ପ୍ରଥମ ପର୍ଯ୍ୟାୟରେ ଜଳେଶ୍ୱର, ବସ୍ତା, ସୋର, ନୀଳଗିରି ଓ ବାଲେଶ୍ୱର ଡିଡିଏଚ୍ ଡାକ୍ତରଖାନାକୁ ଫାଷ୍ଟ ରେଫେରାଲ ୟୁନିଟ୍ ଭାବେ ଗ୍ରହଣ କରାଯାଇଥିବାରୁ ଏହାର ସମସ୍ତ ଉନ୍ନତୀକରଣ ହେବ ବୋଲି ଜଣାଯାଇଛି।



ଜିଲାପାଳ ଜିକେ ଭଟ୍ଟର ହସ୍‌ପିଟାଲ ପରିଦର୍ଶନ କରୁଛନ୍ତି।

## ଅବକାରୀ ଚଢ଼ାଉ, ୪ ଗିରଫ

ଖୁଣ୍ଟା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ବିଭାଗ ଚଢ଼ାଉ କରି ୪ ମଦ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୁଣ୍ଟା ଥାନା ଅଧୀନ ଘାଘରା ଗ୍ରାମର ନରେନ୍ଦ୍ର ବାଘରାୟ, ସୁରୁକୁନା ଗ୍ରାମର ମଙ୍ଗଳା ମାରାଣ୍ଡି, ଭଙ୍ଗାଚଟୁ ଗ୍ରାମର ରବୀନ୍ଦ୍ର ସିଂ ଓ ଉଦଳା ଥାନା ଅଧୀନ ଧାନଘେରା ଗ୍ରାମର ବିଶ୍ୱନାଥ ନାଏକ। ସେମାନଙ୍କ ନିକଟରୁ ମୋଟ ୪୫ ଲିଟର ମଦ ଜବତ ହୋଇଛି। ସେହିପରି ଡାହାଣୀବଡ଼ା ଗ୍ରାମର ଏକ ନିର୍ଜନ ସ୍ଥାନରେ ଚାଲିଥିବା ମଦ ପ୍ରସ୍ତୁତି କେନ୍ଦ୍ର ଉପରେ ଚଢ଼ାଉ କରାଯାଇ ୭୦ ଲିଟର ମହୁଲିମଦ ଏବଂ ୧୭୦୦ କେଜି ପୋଚ ଜବତ କରାଯାଇଛି ।

## ସଂକ୍ଷେପରେ

### ୩୦ ଫୁଟ୍ ପୋଲ ତଳକୁ ଖସିଲା ବୋଲେରୋ

■ ୪ ଡାକ୍ତରଖାନା କର୍ମଚାରୀ ଗୁରୁତର

ଠାକୁରମୁଣ୍ଡା,୬।୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ପିକ୍‌ନିକ୍ ସାରି ଫେରୁଥିବା ବେଳେ ଶୁକ୍ରବାର ରାତିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ବୋଲେରୋ ଭୈରବକୁଣ୍ଡ -ବାଗଦଫା ରାସ୍ତାର ସାଳନ୍ଦୀ ନଦୀ ପୋଲର ୩୦ ଫୁଟ ତଳକୁ ଖସିପଡ଼ିବାରୁ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଫାର୍ମାସିଷ୍ଟ ଭରତ ମହାନ୍ତ, କାଳିଚରଣ ରାଉତ, କୋଭିଡ୍ ଷ୍ଟାଫ୍ କୁନା ମହାନ୍ତ ଓ ଆଟେଣ୍ଡାଣ୍ଟ ଚନ୍ଦନ ମହାନ୍ତ। ଚିକିତ୍ସା ପାଇଁ ସମସ୍ତଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ କୁନା ମହାନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଏମାନେ ଠାକୁରମୁଣ୍ଡା ବ୍ଲକ ସାଳନ୍ଦୀ ନଦୀର ବୈରା କୁଣ୍ଡକୁ ପିକ୍‌ନିକ୍ ପାଇଁ ଯାଇଥିଲେ।

### ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ

ବନ୍ତ,୬।୧(ଡି.ଏନ୍.ଏ)-ଭଦ୍ରକ ଜିଲା ବନ୍ତ ସିନେମା ହଲ୍ ଛକସ୍ଥିତ ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଶାଖା ପରିଚାଳକ ସୁନୀଲ କୁମାର ମଣିହୀରା ଆୟୋଜିତ ଉତ୍ସବକୁ ଉଦ୍‌ଘାଟନ କରି ଗ୍ରାହକମାନେ ବ୍ୟାଙ୍କର ସର୍ବସ୍ୱ ବୋଲି କହିଥିଲେ। ଏହି ଅବସରରେ ଗ୍ରାହକମାନଙ୍କୁ କ୍ୟାଲେଣ୍ଡର, ଡାଏରୀ, କଲମ ଆଦି ପ୍ରଦାନ କରାଯାଇଥିଲା। ସହକାରୀ ଶାଖା ପରିଚାଳିକା ମାନସୀ ସାହୁ, କିରାଣି ରାଜପ୍ରକାଶ ଗୁଡ୍ଡୁ, କ୍ୟାସିୟର ତରୁଣ ଶୂନ୍ୟକାନ୍ତ ବେହେରା, ବ୍ୟାଙ୍କ ମିତ୍ର ମୀନାରାଣୀ ଜେନା, କର୍ମଚାରୀ କରୁଣାକର ସୁତାର ଓ ରଘୁନାଥ ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଝିଅ ବାହାଘର ଲାଗି ଥିବା ଟଙ୍କା, ସୁନାଗହଣା ଜଳିଗଲା

ଆରଡ଼ି, ୬।୧(ଡି.ଏନ.ଏ.)-ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଓଳଗ ଗାଁର ଦିଲୀପ ବାରିକଙ୍କ ଘରେ ଶୁକ୍ରବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି ତାଙ୍କ ଘରେ ଥିବା ଆସବାବପତ୍ର ସହ ସୁନାଗହଣା, ନଗଦ ୧ ଲକ୍ଷରୁ ଅଧିକ ଟଙ୍କା ଓ ବହୁ ଦରକାରୀ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଧାମନଗର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରିସାରିଥିଲେ। ଆରଡ଼ି ରାଜସ୍ୱ ନିରୀକ୍ଷକ ଦେବାଶିଷ ରାୟ କ୍ଷୟକ୍ଷତିର ଆକଳନ କରିଛନ୍ତି। ଦିଲୀପ ତାଙ୍କ ଝିଅ ବାହାଘର ପାଇଁ ନୂଆ ଗଡ଼ରେଜ ଓ ଲକ୍ଷାଧିକ ଟଙ୍କାର ସୁନାଗହଣା କିଣି ଘରେ ରଖିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି।

### ଆବେଦନକାରୀ ୫୨୭, ଯିବେ ୧୭୫ ଲଟେରିରେ ଚୟନ ହେବେ ତୀର୍ଥଯାତ୍ରୀ

କେନ୍ଦୁଝର,୬।୧(ସ୍ୱ.ପ୍ର.): ଚଳିତ ବର୍ଷ କେନ୍ଦୁଝରରୁ ତୀର୍ଥଯାତ୍ରୀମାନେ ରିଶିକେଶ ଓ ହରିଦ୍ୱାର ଯାତ୍ରା କରିବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ତୀର୍ଥଯାତ୍ରୀ ଚୟନ ଆରମ୍ଭ ହୋଇଛି। ଆବେଦନ ତାରିଖ ସରିବା ପରେ ସମୁଦାୟ ୫୨୭ ଜଣ ବୃଦ୍ଧାବୃଦ୍ଧ ତୀର୍ଥଯାତ୍ରା ପାଇଁ ଆବେଦନ କରିଥିବା ସୂଚନା ମିଳିଛି। ସେଥିରୁ ୨୭୯ ଜଣ ଏକୁଟିଆ ଓ ୧୨୪ ଜଣ ଡବଲ ଯିବା ପାଇଁ ଆବେଦନ କରିଥିବା ଜଣାପଡିଛି। ମାତ୍ର କେନ୍ଦୁଝର ଜିଲାରୁ ସମୁଦାୟ ୧୭୫ ଜଣ ଯାତ୍ରୀ ଯିବା ପାଇଁ ସରକାରଙ୍କ ପ୍ରସ୍ତାବ ରହିଥିବାରୁ ଲଟେରି ମାଧ୍ୟମରେ ଚୟନ କରାଯିବ ବୋଲି ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

# ନିରାଶ ହୋଇ ଫେରିଲା ପ୍ରଶାସନ

## ମହାସଂଘ କାର୍ଯ୍ୟାଳୟରେ ତାଲା ଖୋଲାକୁ ବିରୋଧ

ବାଲିଆପାଳ, ୬।୧(ସ୍ୱ.ପ୍ର.)


ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା ମହିଳାମାନଙ୍କୁ ବୁଝାଉଛନ୍ତି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହାସଂଘ କାର୍ଯ୍ୟାଳୟରେ ଦୀର୍ଘଦିନ ହେଲା ଏକ ଗୋଷ୍ଠୀ ତାଲା ପକାଇଛନ୍ତି। ଶୁକ୍ରବାର ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା ତାଲା ଖୋଲିବାକୁ ଯାଇଥିଲେ ମଧ୍ୟ ତାଲା ପକାଇଥିବା ଗ୍ରୁପର ପ୍ରବଳ ବିରୋଧ ଯୋଗୁ ସେ ନିରାଶ ହୋଇ ଫେରିଛନ୍ତି।

ବିଷ୍ଣୁପୁର ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ଦୀର୍ଘଦିନ ହେଲା ଦୁଇଭାଗରେ ବିଭକ୍ତ ହୋଇ ପରସ୍ପର ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚିଛି। ଏପରିକି ଦୀର୍ଘ ୮ମାସ ଧରି ମହାସଂଘ କାର୍ଯ୍ୟାଳୟରେ ତାଲା ପଡିବା ପରେ ସଂଘର କାର୍ଯ୍ୟ ଚାଲିପାରୁ ନ ଥିବାରୁ ଅନ୍ୟ ଗୋଷ୍ଠୀରେ ଥିବା ସଦସ୍ୟା ମହାସଂଘର ସମ୍ପାଦିକା ପ୍ରଭାତୀ ପାତ୍ରଙ୍କ ନେତୃତ୍ୱରେ ପ୍ରମିଳା ପାତ୍ର, ସୁମତୀ ଦାସ, ଚନ୍ଦନା ସାମଲ, ମାନସୀ ପାତ୍ର, ଗୀତାଞ୍ଜଳି ଜେନା, ଅପରାଜିତା କର, ଶାନ୍ତିଲତା ବଢେଇ, ସୁମିତ୍ରା ଗଙ୍ଗାଇ, ତିଳୋତ୍ତମା ରାଜ, ଆରତୀ ଦାସ, ନିରୂପମା ମାଝି, ରେବତୀ ଧଳ ଓ ଶ୍ୱେତପଦ୍ମା ରାଣୀ ଦାସଙ୍କ ସହିତ ବହୁ ସଦସ୍ୟା ତାଲା ଖୋଲିବା ନେଇ ଗୁରୁବାର ବ୍ଲକ ଆଗରେ ସକାଳ ୧୦ଟାରୁ ରାତି ଯାଏ ଧାରଣାରେ ବସିଥିଲେ। ବିଳମ୍ବିତ ରାତିରେ ବାଲିଆପାଳ ଭାଜପା ନେତା ଅରବିନ୍ଦ ବେହେରା, ବିକାଶ ଗିରି, ଭୃଗୁରାମ ବିଶ୍ୱାଳଙ୍କ ସହିତ ଅନ୍ୟମାନଙ୍କ ହସ୍ତକ୍ଷେପ ପରେ ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା ଶୁକ୍ରବାର ସଂଘ କାର୍ଯ୍ୟାଳୟରୁ ତାଲା ଖୋଲାଯିବାର ଦୃଢ ପ୍ରତିଶ୍ରୁତି ଦେବା ପରେ ଧାରଣାକାରୀମାନେ ଧାରଣାରୁ ଉଠିଥିଲେ। ଶୁକ୍ରବାର ବିଡ଼ିଓ ପଣ୍ଡା ଏବଂ ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶ ମହାସଂଘ କାର୍ଯ୍ୟାଳୟରୁ ତାଲା ଖୋଲିବାକୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ସେଠାରେ ତାଲା ପକାଇଥିବା ଗୋଷ୍ଠୀର କିଛି ମହିଳା ସଦସ୍ୟା ତାଲା ଖୋଲାକୁ ବିରୋଧ କରିଥିଲେ। ମହିଳାଙ୍କ ଜୋରଦାର ବିରୋଧ ଫଳରେ ପ୍ରଶାସନକୁ ବାଧ୍ୟ ହୋଇ ଫେରିବାକୁ ପଡ଼ିଥିଲା। ଉକ୍ତ କାର୍ଯ୍ୟାଳୟ ପଞ୍ଚାୟତ ଅଫିସ ମଧ୍ୟରେ ରହିଛି। ଘଟଣାସ୍ଥଳରେ ବିଡ଼ିଓ ପଣ୍ଡା ଓ ତହସିଲଦାର ଦାସ ପହଞ୍ଚିଥିଲେ ମଧ୍ୟ ସରପଞ୍ଚ ମହେଶ୍ୱର ଜେନା ପଞ୍ଚାୟତ କାର୍ଯ୍ୟାଳୟକୁ ତାଲା ପକାଇ ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ପଣ୍ଡା କହିଛନ୍ତି।

# ଭଲି, କ୍ରିକେଟ୍‌ରେ ୩ନଂ. ଜୋନ୍‌ର ବାଜିମାତ୍


ଭଲିବଲରେ ଚାମ୍ପିୟନ ହୋଇଥିବା ୩ନଂ. କୁପାରୀ ଜୋନ୍‌କୁ ପୁରସ୍କୃତ କରାଯାଉଛି।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଖଇରା, ୬।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ପଳସା ମିନିଷ୍ଟାଡିୟମରେ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ପଞ୍ଚାୟତରୁ ଉତ୍ତୀର୍ଣ୍ଣ ହୋଇ ଆସିଥିବା ଖେଳାଳୀମାନଙ୍କୁ ଜୋନ ସ୍ତରରେ ଭାଗ କରାଯାଇ ଟୁର୍ନାମେଣ୍ଟର ଆୟୋଜନ କରାଯାଇଥିଲା। ଏଥିରେ ୩ନଂ. ଜୋନ ଉଭୟ ଭଲିବଲ ଓ କ୍ରିକେଟରେ ଚାମ୍ପିୟନ ହୋଇଥିଲା। ବିଡିଓ ପର୍ଶୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜୟୀ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଶଶିଭୂଷଣ ଦାସଙ୍କୁ ମ୍ୟାନ ଅଫ ଦି ସିରିଜ ଏବଂ ଅଶିତ ପୁହାଣଙ୍କୁ ଭଲ କ୍ୟାପଟେନ ଭାବେ ପୁରସ୍କୃତ କରାଯାଇଥିଲା। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ପଳସା ସରପଞ୍ଚ ମନୋରଞ୍ଜନ ସାହୁ ଓ ଗଗନଧୂଳି ସରପଞ୍ଚ ମଦନ ସାନ୍ତରା, ସୁଣ୍ଡିରା ସମିତିସଭ୍ୟ ନଳିନୀ କୁମାର ସାହୁ ଓ ପ୍ରଧାନଶିକ୍ଷକ ରାମଚନ୍ଦ୍ର ପତ୍ରୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳ, ଶଶିକାନ୍ତ ଦାସଙ୍କ ସମେତ ସମସ୍ତ ନିର୍ବାହୀ ଅଧିକାରୀ ପରିଚାଳନାରେ ସହଯୋଗ କରିଥିଲେ।

### ପତାକା ଉତ୍ତୋଳନ କଥା ଭୁଲିଗଲେ ବିଡିଓ

ବ୍ଲକସ୍ତରୀୟ କ୍ରୀଡା ଉଦ୍‌ଘାଟନ ପାଇଁ କ୍ରୀଡା ପତାକା ଉତ୍ତୋଳନ ବ୍ୟବସ୍ଥା କରାଯାଇଥିଲା। ଖଇରା ବିଡିଓ ପର୍ଶୁରାମ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି ଖେଳରେ ପ୍ରତିଯୋଗିତା ଆରମ୍ଭ ସମୟରେ ଏହାକୁ ଉତ୍ତୋଳନ କରାଯିବା କଥା। ହେଲେ ଖେଳ ଶେଷ ହୋଇଗଲା । ମାତ୍ର ଖେଳାଳିଙ୍କ ପତାକା ଉତ୍ତୋଳନ ଦେଖିବା ଆଶା ଅଧାରେ ରହିଗଲା । କାର୍ଯ୍ୟକ୍ରମ ଏପଟସେପଟ ଯୋଗୁ ପତାକା ଉତ୍ତୋଳନ ହୋଇ ପାରି ନ ଥିବାର ବିଡିଓ ପ୍ରତିକ୍ରିୟାରେ କହିଛନ୍ତି ।

## ଆଶାବାଡ଼ି ପାଇଁ ଦିବ୍ୟାଙ୍ଗଙ୍କ ଗୁହାରି

କେନ୍ଦୁଝର,୬।୧(ସ୍ୱ.ପ୍ର.)

ଆଶା ବାଡ଼ି ତଳ ପଟୁ ଘୋରି ହୋଇଯାଇଥିବାରୁ ଚାଲିବାରେ କଷ୍ଟ ହେଉଛି। ନୂଆ କିଣିବାକୁ ପଇସା ନାହିଁ। ଏକ ଆଶାବାଡ଼ି ଦେବାକୁ ବାଂଶପାଳ ବ୍ଲକ୍ ବାୟାକୁମୁଟିଆ ଗ୍ରାମ ନାକୁ ପରିହାଳ ଜିଲାପାଳଙ୍କୁ ଗୁହାରି କରିଛନ୍ତି। ନାକୁଙ୍କ ଗୋଡ଼କୁ ବହୁ ବର୍ଷ ତଳେ ଭାଲୁ କାମୁଡ଼ି କ୍ଷତାକ୍ତ କରିଦେଇଥିଲା। ଅର୍ଥା ଅଭାବରୁ ଭଲ ଚିକିତ୍ସା ହୋଇ ପାରିଲାନାହିଁ। ଶେଷରେ ଗୋଡ଼ କ୍ଷତ ଭଲ ନ ହୋଇ ସଂକ୍ରମଣ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ କାଟିବାକୁ ପଡ଼ିଲା। ସବୁଦିନ ପାଇଁ ଭିନ୍ନକ୍ଷମ ହୋଇ କାମଧନ୍ଦା କରିପାରିଲି ନାହିଁ। ପ୍ରଶାସନ ପକ୍ଷରୁ ସେ ସମୟରେ ଏକ ଆଶାବାଡ଼ି ମିଳିଥିଲା। ବାଡ଼ିଟି ଘୋରି ହୋଇଯାଇଥିବାରୁ ଏବେ ଚାଲିବାରେ ବହୁ ଅସୁବିଧା ହେଉଛି। ଏ ନେଇ ବାଂଶପାଳ ବ୍ଲକ୍ ଯିବାରୁ ଅଧାରକାର୍ଡ ଆଣିବାକୁ କହି ଫେରାଇ ଦେଲେ। ପରେ ଆଧାରକାର୍ଡ ଧରି ଗଲାବେଳେ ବାଡ଼ି ନାହିଁ ବୋଲି କହିଲେ। ଘରଠାରୁ ୪୦ ଟଙ୍କା ଭଡ଼ା ଦେଇ ଦୁଇଥର ବ୍ଲକ୍ ଯିବା ପରେ ନିରାଶ ହୋଇ ଏବେ ୩୦ ଟଙ୍କା ଭଡ଼ା ଦେଇ କେନ୍ଦୁଝର ଆସିଛି। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦେଖା କଲି। କିନ୍ତୁ ବାଡ଼ି ଏଠାରେ ନାହିଁ, ଝୁମ୍ପୁରାରେ ଅଛି ବୋଲି କହୁଛନ୍ତି। ବାଡ଼ି ଦେଲେ ଉପକୃତ ହୋଇ ପାରନ୍ତି ବୋଲି ସେ କହିଛନ୍ତି।

# ମଞ୍ଜୁର ହୋଇଛି ୨୪, ଖର୍ଚ୍ଚ ୨୯ ଲକ୍ଷ

## ବାଲାଗୋଡ଼ା ପଞ୍ଚାୟତରେ ମନମୁଖି କାର୍ଯ୍ୟାଦେଶ

ଯୋଡ଼ା,୬।୧(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବାଲାଗୋଡ଼ା ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ମନମୁଖି ଭାବେ କାର୍ଯ୍ୟଦେଶ ପ୍ରଦାନ କରାଯାଇଛି। ଉନ୍ନୟନ କାର୍ଯ୍ୟ ପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନରୁ ୨୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ପଞ୍ଚାୟତରେ ୨୯ ଲକ୍ଷର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ବ୍ଲକ୍ ପକ୍ଷରୁ ଯାଞ୍ଚ ସମୟରେ ଏହି ତଥ୍ୟ ପଦାକୁ ଆସିଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ଚତୁର୍ଦ୍ଦଶ କେନ୍ଦ୍ର ଅର୍ଥ କମିଶନରୁ ୨୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ପଞ୍ଚାୟତ ପକ୍ଷରୁ ୨୯ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିବା ଯାଞ୍ଚରୁ ଜଣାପଡ଼ିଛି। ପଞ୍ଚାୟତରେ ଖର୍ଚ୍ଚ ହୋଇଥିବା ଅତିରିକ୍ତ ୫ ଲକ୍ଷ ଟଙ୍କାକୁ ପଞ୍ଚାୟତ କିପରି ଭରଣା କରିବ ଓ କିପରି ଠିକାଦାରମାନେ ବିଲ ପାଇବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଯୋଡ଼ା ବିଡିଓ ଜଗନ୍ନାଥ ହନୁମାନ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଆକାଉଣ୍ଟ ଅଫିସର, ଉପସ୍ଥିତ ରହି ଏହି ଯାଞ୍ଚ କରିଥିଲେ। ବାଲାଗୋଡା ପଞ୍ଚାୟତ ସହିତ ବଲାଣି, ଭୂୟାଁ ରୋଇଡ଼, ଗୁଆଲି, ଲଇଡ଼ାପଦା ପ୍ରଭୃତି ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି, ନୂତନ ପ୍ରକଳ୍ପର କାର୍ଯ୍ୟକାରୀ ଓ ବିଭିନ୍ନ ସମସ୍ୟା ଦିଗରେ ଅନୁଧାନ କରାଯାଇଥିଲା। ଏ ସମ୍ପର୍କରେ କୌଣସି ମତାମତ ଦେବାକୁ ବିଡିଓ ମନା କରିଦେଇଥିଲେ। ବ୍ଲକ୍ ଅଧ୍ୟକ୍ଷ ନାଏକ କହିଛନ୍ତି, ଏ ଭଳି ଅନିୟମିତତା ହୋଇଥିବା ଖବର ହସ୍ତଗତ ହୋଇଛି। ଏହାର ବିଧିବଦ୍ଧ କାଗଜପତ୍ର ଯାଞ୍ଚ କରାଯିବ ବୋଲି ସେ କହିଥିଲେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ଗୁଡ଼ି


@ରୋହିତ୍


@ଶେଖ୍ ମୁକ୍ରାମ୍


ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।


## ଫେବୃୟାରୀ ୫ରୁ 'ଧୁମୁସା' ମହୋତ୍ସବ

### ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ମହୋତ୍ସବ କମିଟି ସଦସ୍ୟ

**ଉଦଳା,୬।୧(ଡି.ଏନ.ଏ.):** କପ୍ତିପଦା ଉପଖଣ୍ଡସ୍ତରୀୟ ଉଦଳା 'ଧୁମୁସା' ମହୋତ୍ସବ ଆସନ୍ତା ଫେବୃୟାରୀ ୫ରୁ ଆରମ୍ଭ ହେବ। ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସାଂସ୍କୃତିକ ମଞ୍ଚରେ ୩ ଦିନ ବ୍ୟାପି ଏହି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ମହୋତ୍ସବ କମିଟିର ଚେୟାରମ୍ୟାନ ବିଧାୟକ ଭାସ୍କର ମଢ଼େଇ କହିଛନ୍ତି। ଏହାକୁ ସରସ ସୁନ୍ଦର କରିବା ପାଇଁ ଶୁକ୍ରବାର ମହୋତ୍ସବ କମିଟିର ଚେୟାରମ୍ୟାନ ବିଧାୟକ ମଢ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଭାଇସ୍ ଚେୟାରମ୍ୟାନ ଲିଲି ଭୋଳ, ପୂର୍ବତନ ନଗରପାଳ ମନୋଜ ମହାନ୍ତି, କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପ୍ରଭାତ ପରିଡ଼ା, ଅମୀୟ ବଳ, ରତ୍ନାକର ପ୍ରଧାନ, ନିହାର ମୋଦି ପ୍ରମୁଖ ଜିଲାପାଳ ବିନୀତ ଭରଦ୍ୱାଜ ଏବଂ ଏସ୍.ପି. କେ.ଆର୍. ଦ୍ୟାନଦେଓଙ୍କୁ ସାକ୍ଷାତ୍ କରି ମହୋତ୍ସବ ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ମହୋତ୍ସବକୁ ଜିଲାପାଳ ଏବଂ ଏସ୍.ପି. ଉଦ୍‌ଘାଟନ କରିବେ ବୋଲି ସହମତି ପ୍ରଦାନ କରିଥିଲେ।

# ସ୍ୱାବଲମ୍ବୀ ଭାରତ ଅଭିଯାନ ଯୁବ ସମାଜ ପାଇଁ ଏକ ସୁଯୋଗ

ଭଦ୍ରକ ଅଫିସ, ୬।୧



ଖବରଦାତା ସମ୍ମିଳନୀରେ ସ୍ୱଦେଶୀ ଜାଗରଣ ମଞ୍ଚର କର୍ମକର୍ତ୍ତା।

ସ୍ଥାନୀୟ ଭିତ୍ତିଭୂମିକୁ ଆଧାର କରି ଉଦ୍ୟୋଗ ସୃଷ୍ଟି କରିବା ସହ ନିଯୁକ୍ତି ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱଦେଶୀ ଜାଗରଣ ମଞ୍ଚ ସ୍ୱାବଲମ୍ବୀ ଭାରତ ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ଯୁବ ସମାଜ ପାଇଁ ଏକ ସୁଯୋଗ ବୋଲି ରାଷ୍ଟ୍ରୀୟ ସଂଘର୍ଷ ବାହିନୀ ପ୍ରମୁଖ ତଥା ସ୍ୱଦେଶୀ ଜାଗରଣ ମଞ୍ଚର ଦକ୍ଷିଣ-ପୂର୍ବ ପ୍ରମୁଖ ଅନ୍ନଦା ଶଙ୍କର ପାଣିଗ୍ରାହୀ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଗାନ୍ଧୀପଡ଼ିଆସ୍ଥିତ ସୀତାରାମ ମଣ୍ଡପରେ ଆହୂତ ଖବରଦାତା ସମ୍ମିଳନୀରେ ସେ କହିଥିଲେ ଯେ, ଭାରତର ଯୁବ ସମାଜକୁ ସ୍ୱାବଲମ୍ବୀ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ୧୬ ସଙ୍ଗଠନର କାର୍ଯ୍ୟକର୍ତ୍ତା ଏକ ସାମୂହିକ ମଞ୍ଚ କରି ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଆସନ୍ତା ୧୫ ତାରିଖରେ ଜିଲାସ୍ତରୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇ ଭଦ୍ରକ ଜିଲାର ଯୁବ ସମାଜକୁ ଚାକିରି ମାନସିକତାରୁ ଉଦ୍ୟୋଗୀ ମାନସିକତା ଆଡ଼କୁ ନେବାକୁ ପ୍ରୟାସ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ଦେଶର ୪୭୫ ଜିଲାରେ ୩୦ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏହି ଅଭିଯାନ ଆଗେଇ ଚାଲିଛି। ଅଭିଯାନର ସହ ସମନ୍ୱୟକ ମାନସ ମହାନ୍ତି, ସଦସ୍ୟ ଅମ୍ବିକା ପ୍ରସନ୍ନ ଦାସ ଓ ବିକାଶ ପାଢ଼ୀ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ସମ୍ମିଳନୀର ଆୟୋଜକ ଅଭିଯାନର ସୁବ୍ରତ ଧଳ, ଲାଲା ଶିବଦାସ ରାଏ, ନାରାୟଣ ମହାରଣା, ଅଜିତ ପାତ୍ର, ରଜତ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# 'ସ୍ଥିର ଚିତ୍ତ ପୁସ୍ତକ ରଚନା ଲେଖକଙ୍କୁ ଶୀର୍ଷରେ ପହଞ୍ଚାଏ'

ବଡବିଲ/ଯୋଡ଼ା,୬।୧ (ଡି.ଏନ.ଏ)


ମଞ୍ଚରେ ରାଜ୍ୟପାଳ ଗଣେଶୀ ଲାଲ, ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ସହ ଅନ୍ୟମାନେ।

ଲେଖକମାନେ ଆତ୍ମାର କମ୍ପନରୁ ଶବ୍ଦ ଆଣି ଲେଖନୀ ଚଳାଇଥାନ୍ତି। ସ୍ଥିର ଚିତ୍ତ ପୁସ୍ତକ ରଚନା ଲେଖକଙ୍କୁ ଶୀର୍ଷ ସ୍ଥାନକୁ ପହଞ୍ଚାଇ ଥାଏ। ଓଡ଼ିଶାର ଲେଖକଙ୍କ ଉପରେ ଜଗନ୍ନାଥଙ୍କ ଆଶୀର୍ବାଦ ରହିଛି। ଶତକଡ଼ା ୯୦ ଭାଗ ସାହିତ୍ୟିକ, ଲେଖକ ମୁଖ୍ୟତଃ ଭାରତବର୍ଷରେ ନୀତିଶାସ୍ତ୍ର, ସମ୍ବନ୍ଧ ଶାସ୍ତ୍ର, ଅତମ୍ନିକା ଶାସ୍ତ୍ର ସମେତ ନେତୃତ୍ୱ ସମ୍ବନ୍ଧରେ ରଚନା କରନ୍ତି। ଲେଖକ ସର୍ବଦା ସର୍ବଧର୍ମ ପ୍ରିୟ ବୋଲି କେନ୍ଦୁଝର ଜିଲା ଯୋଡ଼ାଠାରେ ଭ୍ୟାଲିସିଟି ପୁସ୍ତକମେଳାର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଗଣେଶୀ ଲାଲ ଅଭିଭାଷଣରେ କହିଥିଲେ। ଯୋଡ଼ା ଇଷ୍ଟ ଦୁର୍ଗାପୂଜା ପେଣ୍ଡାଲଠାରେ ଆୟୋଜିତ ପୁସ୍ତକମେଳାରେ ମା'ତାରିଣୀଙ୍କ ଫଟୋଚିତ୍ର ସମ୍ମୁଖରେ ରାଜ୍ୟପାଳ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ରାଜପାଳ ବିଳମ୍ବରେ ସଭାରେ ପହଞ୍ଚିଥିବାରୁ ଉଦାରତା ସହ କ୍ଷମାପ୍ରାର୍ଥନା କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଅଧ୍ୟାପିକା ଲେଖିକା ଡଃ ଆଭା ବଳଙ୍କ ଦ୍ୱାରା ଲିଖିତ 'ତୁଳସୀ ମୁଣ୍ଡାଙ୍କ ସ୍ମୃତି' ପୁସ୍ତକର ଉନ୍ମୋଚନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା, ଯୋଡ଼ା ପୌରାଧ୍ୟକ୍ଷ ଜଗଦିଶ ପ୍ରସାଦ ସାହୁ, ପୁସ୍ତକ ମେଳାର ଆୟୋଜନ କମିଟି ଆବାହକ ତାରିଣୀ ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପୁସ୍ତକମେଳାରେ ବିଭିନ୍ନ ପ୍ରକାଶନ ସଂସ୍ଥା ପକ୍ଷରୁ ବିଶିଷ୍ଟ ଲେଖିକା, ଲେଖକଙ୍କ ପୁସ୍ତକମାନ ସ୍ଥାନ ପାଇଥିଲା। ପରେ ରାଜ୍ୟପାଳ, ପଦ୍ମଶ୍ରୀ ଡ.ତୁଳସୀମୁଣ୍ଡାଙ୍କ ବଡବିଲ ସେରେଣ୍ଡାସ୍ଥିତ ଆଦିବାସୀ ବିକାଶ ସମିତି ଆଶ୍ରମ ପରିଦର୍ଶନ କରିଥିଲେ। ଅନ୍ତେବାସୀଙ୍କ ସହ ମଧ୍ୟାହ୍ନ ଭୋଜନ କରିବା ସହ ବାର୍ତ୍ତାଳାପ କରିଥିଲେ।

## ଭ୍ୟାଲିସିଟି ପୁସ୍ତକ ମେଳା ଉଦ୍‌ଘାଟିତ

